# ଭା.କୃ.ଅ.ନୁ.ପ.- କେନ୍ଦ୍ରୀୟ କପା ଗବେଷଣା ପ୍ରତିଷ୍ଠାନ, ନାଗପୁର
# କପା ଚାଷ ପାଇଁ XIII (ତ୍ରୟୋଦଶ) ସାପ୍ତାହିକ ପରାମର୍ଶ

| ODISHA | | ପୂର୍ବ ସପ୍ତାହରେ ବାସ୍ତବିକ ବର୍ଷା (ମିମି) | | | | | ଆଗାମୀ ସପ୍ତାହରେ ଆନୁମାନିକ ବର୍ଷା (ମିମି) | | | | |
|---|---|---|---|---|---|---|---|---|---|---|---|
| | | ଅଗଷ୍ଟ | | | | | ଅଗଷ୍ଟ/ସେପ୍ଟେମ୍ବର | | | | |
| | | 30 | 31 | 01 | 02 | 03 | 05 | 06 | 07 | 08 | 09 |
|  | କୋରାପୁଟ | 4.5 | 9 | 8 | 0 | 0 | 30 | 40 | 45 | 20 | 20 |
| | କଳାହାଣ୍ଡି | 20 | 14 | 23 | 0.2 | 1 | 15 | 20 | 20 | 15 | 15 |
| | ବଲାଙ୍ଗିର | 0 | 7.7 | 5.3 | 3.5 | 0 | 2 | 5 | 10 | 5 | 5 |
| ବର୍ଷ ପରିମାଣ ଓ ରଙ୍ଗ ସଂକେତ | | ୦.୧ ରୁ ୨.୪ ମି ମି | | ୨.୫ ରୁ ୧୫.୫ ମିମି | | ୧୫.୬ ରୁ ୬୪.୪ ମିମି | | ୬୪.୫ ରୁ ୧୧୫.୫ ମିମି | | ୧୧୫.୬ ରୁ ୨୦୪.୪ ମିମି | |
| ବର୍ଷା ପ୍ରକାର | | ଅତି ଅଳ୍ପ ବର୍ଷା | | ଅଳ୍ପ ବର୍ଷା | | ସାଧାରଣ ବର୍ଷା | | ପ୍ରବଳ ବର୍ଷା | | ଅତି ପ୍ରବଳ ବର୍ଷା | |

**କପା ଫସଲ ଅବସ୍ଥା:**

ଏବେ କପା ଫସଲ 56-66 ଦିନ ଅବସ୍ଥାରେ କଢ ଧରିବା ଏବଂ ଫୁଲ ଆରମ୍ଭ ହେବା ଅବସ୍ଥାରେ ଅଛି । ଗତ ସପ୍ତାହରେ ମେଘୁଆ ପାଗ ସହିତ ବର୍ଷା ଲାଗି ରହିଥିଲା । କପାରେ ଘାସ ବାଛିବା, କୋଡା ଖୋସା କରି ଦ୍ୱିତୀୟ ଥର ସାର ପ୍ରୟୋଗ କରିବା ଓ ହୁଡା ଦେବା କମ ଚାଲିଛି। ଏହା ସହିତ ଶୋଷକ ପୋକର ନିୟନ୍ତ୍ରଣ ପାଇଁ ନିମ୍ବ ତେଲ ଓ ଫୁଲ ଓ କଢ ନ ଝଡିବା ପାଇଁ ପ୍ଲାନୋଫିକ୍ସ ହରମୋନ ସିଂଚନ କାମ ଚାଲିଛି। କପା ଜମିରେ ପ୍ରାୟ ସବୁ ପ୍ରକାର ଘାସ ଯଥା ସରୁ ପତ୍ର, ବଡ ପତ୍ର ଏବଂ ମୁଥା ଜାତୀୟ ଘାସ ବାହାରିଛି । କେତକ ସ୍ଥାନରୁ ଜଉ ପୋକ, ପାତ୍ର ଡିଆଁ ପୋକ, ଲେଡା ପୋକ ଓ ସେମିଲୁପର ପୋକ ଲାଗିଥିବାର ଖବର ମିଳୁଛି। ଲଗାଣ ବର୍ଷା ଓ ଜଳବନ୍ଦୀ ଅବସ୍ଥା ଲାଗି ରହି ଥିବାରୁ କଳାହାଣ୍ଡି , ନୂଆପଡା ଓ ବଲାଙ୍ଗୀର ଜିଲ୍ଲାର କେତେକ ସ୍ଥାନରୁ ଝଉଂଳା ରୋଗ ଲାଗିଥିବାର ସୂଚନା ମିଳିଛି।

ପରାମର୍ଶ:

ଲଘୁଚାପ ଜନିତ ଲଗାଣ ବର୍ଷା ହେଉଥିବାରୁ ଜମିରୁ ଓ ଗଛ ମୂଳରୁ ଜଳ ନିଷ୍କାସନ କରିବାକୁ ପରାମର୍ଶ ଦିଆଯାଉଛି। ଗଛ ମୂଳରେ ପଣି ଜମି ରହିଲେ ଚେର ସଢି ଯିବା ହେତୁ ଗଛକୁ ଖାଦ୍ୟସାର ଅଭାବ ଘଟି ଥାଏ । ଏହା ଦ୍ୱାରା ପତ୍ର ନାଲି ପଡ଼େ ଏବଂ ପରେ ସୁଖୀ ଯାଇ ଝଡି ପଡ଼େ । ଏହାର ନିରାକରଣ ପାଇଁ 15 ଦିନ ଅନ୍ତରରେ 1 % ୟୁରିୟା କିମ୍ବା ଡ଼ିଏପି କିମ୍ବା 19-19-19 ସରକୁ ପତ୍ର ସିଂଚନ କରିବା ଦରକାର । ତୃତୀୟ ଦଫା ସାର ହିସାବରେ 25 % ଯାବକ୍ଷାରଜନ ସାର 50-55 ଦିନ ପରେ ପ୍ରୟୋଗ କରନ୍ତୁ। ଅଧିକ ବର୍ଷା ଯୋଗୁଁ କୋଡା ଖୋସା ଓ ଘାସ ବଛା କାମ ହୋଇ ନ ପାରିଲେ ହେକ୍ଟର ପିଛା 2.5 -3.0 ଲିଟର ଗ୍ଲୁଫୋସିନେଟ ଅମୋନିଅମ ସର୍ବାଙ୍ଗ ଭେଦୀ ଘାସ ମରା ଔଷଧ କେବଳ ଘାସ ଉପରେ ପ୍ରୟୋଗ କରନ୍ତୁ। ଏହି ଔଷଧ ପ୍ରାୟ ସବୁ ପ୍ରକାର ଘାସକୁ ଦମନ କରି ପାରିବ । ପୋକ ଓ ରୋଗର ସ୍ଥିତି ଜାଣିବା ପାଇଁ ନିୟମିତ ଭାବରେ ସର୍ବେକ୍ଷଣ କରନ୍ତୁ। ଶୋଷକ ପୋକ ଯଥା ଜଉ ପୋକ ଓ ଗୁଣିଆ ପୋକ ଆର୍ଥିକ ଡାହେଳି ସୀମା ଅତିକ୍ରମ କଲେ ଏନଏସକେଇ 5% କିମ୍ବା ନିମ୍ବ ତେଲ(300 ରୁ 1500 ପିପିଏମ) 1 ଲିଟର ପାଣିରେ 5 ମିଲି ହିସାବରେ ସିଂଚନ କରନ୍ତୁ । ଏହା ସହିତ ଲିଟର ପ୍ରତି 1 ଗ୍ରାମ ହିସାବରେ ସର୍ଫ ଗୁଣ୍ଡ ମିଶାନ୍ତୁ। ଶୁଖିଲା ପାଗ ପରେ ଲଗାଣ ବର୍ଷା ପାଇଁ ହଠାତ ଝଉଂଳା ରୋଗ ଦେଖା ଦେଲେ ଏହାର ନିୟନ୍ତ୍ରଣ ପାଇଁ ଏକ ଲିଟର ପାଣିରେ 10 ଗ୍ରାମ (10 ପିପିଏମ) କୋବଲ୍ଟ କ୍ଲୋରଇଡ ଔଷଧ କୁ ଆକ୍ରାନ୍ତ ହୋଇଥିବା ଗଛ ଉପରେ ପ୍ରୟୋଗ କରନ୍ତୁ। କପା ଗଛ 60 ଦିନର ହେଲେ ଫୁଲ ଓ କଢ ନ ଝଡିବା ପାଇଁ 15 ଲିଟର ପାଣିରେ 7.0 ମିଲି ହିସାବରେ ପ୍ଲାନୋଫିକ୍ସ ହରମୋନ ସିଂଚନ କରନ୍ତୁ। ଜଳ ନିଷ୍କାସନ ନ ହେବ ଯୋଗୁଁ ପତ୍ର ନାଲି ପଡିଗଲେ 10 ଲିଟର ପାଣିରେ 100 ଗ୍ରାମ ମଗ୍ନେସିଅମ ସଲ୍ଫେଟ ସହିତ 100 ଗ୍ରାମ ୟୁରିୟା ସାରା ମିଶାଇ ସିଂଚନ କରନ୍ତୁ। ପତ୍ର ଶଢା ଓ ଝଉଂଳା ଆଦି କବକ ଜନିତ ରୋଗର ନିୟନ୍ତ୍ରଣ ପାଇଁ ହେକ୍ଟର ପିଛା 1.0 କେଜି କରବେନ୍ଦାଜିମ 50 % WP ଅଉଷଧକୁ ଗଛ ମୂଳରେ ସିଂଚନ କରନ୍ତୁ। ଫଳ ଶଢା ଓ ପତ୍ର ଦାଗ ରୋଗର ନିୟନ୍ତ୍ରଯା ପାଇଁ ଲିଟର ପିଛା 30 ଗ୍ରାମ କରବେନ୍ଦାଜିମ 12%+ ମାଙ୍କୋଜେବ 63% WP କିମ୍ବା 2.5-3.0 ଗ୍ରାମ/ଲିଟର ପ୍ରୋପିନେବ 70% WP କିମ୍ବା 1.0 ମିଲି /ଲିଟର Propiconazole 25 EC କିମ୍ବା 0.4 ଗ୍ରାମ କରବେନ୍ଦାଜିମ 50 WP ପତ୍ର ସିଂଚନ କରନ୍ତୁ ।

ଉନ୍ନତ କପା ଉତ୍ପାଦନ ପ୍ରଣାଳୀ ଯଥା ମୃତ୍ତିକା ଓ ବିହନ ଚୟନ, ସାର ପ୍ରୟୋଗ , ବୁଣିବା ପଦ୍ଧତି, ଜଳସେଚନ ଓ ଘାସ ପରିଚାଳନା, ରୋଗ ପୋକ ପରିଚାଳନା ଇତ୍ୟାଦି ଗୋଟିଏ ଅଣ୍ଡ୍ରୋଏଡ ଆଧାରିତ (ସିଆଇସିଆର କଟନ ଆପ )CICR Cotton App ଯାହାକି ଆଇସିଏଆରସିଆଇସିଆର-, ନାଗପୁର ଦ୍ୱାରା ପ୍ରସ୍ତୁତ କରାଯାଇଛି ସେଥିରୁ ରୁ ମିଳି ପାରିବ । ଗୁଗଲ ପ୍ଲେ

ଷ୍ଟୋର ରୁ ଏହି ଆପ କୁ ମାଗଣାରେ ଡାଉନଲୋଡ କରା ଯାଇ ପାରିବ । ଏହା ଛଡା ଫସଲର ଅବସ୍ଥା ଓ ପାଣିପାଗ ଭିତ୍ତିକ ସାପ୍ତାହିକ ପରାମର୍ଶ ଗୁଡିକ ଆଇସିଏଆର-ସିଆଇସିଆର ୱେବ ସାଇଟ ରେ ଅପଲୋଡ କରା ଯାଉଛି, ଯାହାସବୁ  ଚାଷୀ ମାନଙ୍କ ଉପକାର ପାଇଁ ମଧ ମିଳି ପାରିବ ।